# ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ଅମଳକ୍ଷମ ମାଣ୍ଡିଆ କିସମ



**ନାମ : ସନିଆ ଗୁଣ୍ଠା**

ଗ୍ରାମ : ଅଟାଳଗୁଡ଼ା,
ପଞ୍ଚାୟତ ସମିତି : ବୈପାରୀଗୁଡ଼ା, ଜିଲ୍ଲା : କୋରାପୁଟ

ବୟସ : ୫୨ ବର୍ଷ

ଜାତି : ରଣା (ପଛୁଆବର୍ଗ)

ବୃତ୍ତି : କୃଷି (୩ ଏକର)

ପରିବାର ସଂଖ୍ୟା : ୫ (୪ ବୟସ୍କ, ୧ ଶିଶୁ)

ମାଣ୍ଡିଆ ଆମର ଅନ୍ୟଏକ ମୁଖ୍ୟ ଫସଲ ଏବଂ ସବୁଦିନିଆ ଖାଦ୍ୟ । ଯେହେତୁ ଏହା ଆମର ନିତିଦିନିଆ ଖାଦ୍ୟ ତେଣୁ ବର୍ଷସାରା ଆମେ ମାଣ୍ଡିଆ ଉପରେ ନିର୍ଭର କରିଥାଉ ଏବଂ ଏହାକୁ ଖାଇବା ଦ୍ୱାରା ଆମକୁ କାମ କରିବା ପାଇଁ ଶକ୍ତି ମିଳିଥାଏ । ମୋର ୦.୧୫ ଏକର ଡଙ୍ଗର ଜମି ଅଛି, ଯେଉଁଠାରେ କି ମୁଁ ସାଧାରଣତଃ ଡଙ୍ଗର ଧାନ ଚାଷ କରୁଥିଲି । ଜଳର ସମସ୍ୟା ଯୋଗୁଁ ବହୁତ କମ୍ ଅମଳ ପାଉଥିଲି । ତେଣୁ ପରେ ଚିନ୍ତା କରି ୨୦୧୦ ମସିହା ଠାରୁ ସେଠାରେ ଧାନ ଚାଷ ପରିବର୍ତ୍ତେ ମାଣ୍ଡିଆ ଚାଷ କରିଆସୁଅଛି । ଦେଶୀ କିସମର ବିହନ ଓ ପାରମ୍ପରିକ ପଦ୍ଧତିରେ ବୁଣା ଚାଷ ଯୋଗୁଁ ଅମଳର ପରିମାଣ ପ୍ରାୟତଃ ୩୦–୪୦ କି.ଗ୍ରା.ରେ ସୀମିତ ରହୁଥିଲା । ଯାହା ଆମ ପରିବାରର ଆବଶ୍ୟକତାକୁ ୫–୬ ମାସ ପୂରଣ କରିବାରେ ସାହାଯ୍ୟ କରୁଥିଲା ଏବଂ ଅନ୍ୟାନ୍ୟ ମାସ ପାଇଁ ମୋତେ ବଜାର ଉପରେ ନିର୍ଭର କରିବାକୁ ପଡୁଥିଲା ।

ଏମ୍. ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ୨୦୧୩ ମସିହାରେ ଆମ ଗାଁରେ ଲାନ୍‌ସା ପ୍ରକଳ୍ପର କାର୍ଯ୍ୟକ୍ରମ ଆରମ୍ଭ କଲା । ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ସେମାନେ ଧାନ, ମାଣ୍ଡିଆ, ମକା, କାନ୍ଦୁଲ, ବିରି ଓ ମୁଗ ଆଦି ଶସ୍ୟର ଉନ୍ନତ କିସମର ବିହନ ସହ ଉନ୍ନତ ପ୍ରଣାଳୀରେ ଯଥା ଧାଡ଼ିବୁଣା, ଧାଡ଼ି ରୋପା ଇତ୍ୟାଦି କରିବାକୁ ପ୍ରୟାସ କରିଥିଲେ । ୨୦୧୪ ଓ ୨୦୧୫ ମସିହାରେ ସେମାନେ ଆମ ଗାଁର କିଛି ଚାଷୀଙ୍କ ଜମିରେ "ଜିପିୟୁ–୬୭" ଓ "ଭୈରବୀ" ନାମକ ଦୁଇଟି ନୂଆ କିସମର ମାଣ୍ଡିଆ ବିହନକୁ ଧାଡ଼ିରୋପା ମାଧ୍ୟମରେ କ୍ଷେତ୍ର ପ୍ରଦର୍ଶନ କରିଥିଲେ ଏବଂ ଭଲ ଅମଳ ମଧ୍ୟ ମିଳିଥିଲା । ଏହା ଦେଖି ମୁଁ ୨୦୧୬ ଖରିଫ୍ ଋତୁରେ ଧାଡ଼ି ରୋପା କରିବି ବୋଲି ସ୍ଥିର କଲି । ଉପରୋକ୍ତ ଦୁଇଟି ନୂଆ କିମସର ମାଣ୍ଡିଆ ମଧ୍ୟରୁ ଭୈରବୀ କିସମଟି ଭାରି ଚିକ୍କଣ ଏବଂ ଆଗରୁ ମୁଁ ଏଭଳି କିସମର ମାଣ୍ଡିଆ ଦେଖି ନଥିଲି । ତେଣୁ ଏହି ବିହନ ପ୍ରତି ଆକୃଷ୍ଟ ହୋଇ ମୁଁ ଆଗରୁ କରୁଥିବା ମୋର ୦.୧୫ ଏକର ମାଣ୍ଡିଆ ଜମିରେ ଚାଷ କରିବା ପାଇଁ ମନବଳାଇଲି । ପ୍ରକଳ୍ପ କର୍ମଚାରୀମାନଙ୍କ ପରାମର୍ଶ କ୍ରମେ ତଳି ଘେରା ପ୍ରସ୍ତୁତ କରି, ଧାଡ଼ିରେ ରୋପା କଲି । ଯଥା ସମୟରେ ଘାସ ବଛା ସହ ସଠିକ୍ ପରିମାଣର ସାର ପ୍ରୟୋଗ କଲି । ଏସବୁ ପଦ୍ଧତି ଅବଲମ୍ବନ କଲା ପରେ ଦେଖିବାକୁ ପାଇଲି ଯେ, ପାରମ୍ପରିକ ପଦ୍ଧତି ଠାରୁ ଏହି ନୂଆ ପଦ୍ଧତି ଦ୍ୱାରା ଜମିରେ ଘାସର ପରିମାଣ ଖୁବ୍ କମ୍ ଏବଂ ଚାଷ ବାବଦରେ ହେଉଥିବା ଖର୍ଚ୍ଚ ମଧ୍ୟ କମ୍ । ଏହି କିସମର ଖେଡ଼ ଅନ୍ୟ କିସମର ଖେଡ଼ ଠାରୁ ଢେର ଗୁଣ ବଡ଼ ଓ ଏହାର ଦାନା ଆକାରରେ ବଡ ଓ ଓଜନିଆ । ଏସବୁ ଫଳରେ ମୁଁ ସେହି ଜମିରୁ ପ୍ରାୟତଃ ୧୦୦ କି.ଗ୍ରା. ମାଣ୍ଡିଆ ଅମଳ କରିଥିଲି, ଯାହାକି ମୋ ପରିବାରର ବର୍ଷତମାମ ଆବଶ୍ୟକତା ପାଇଁ ଯଥେଷ୍ଟ । ସାଧାରଣତଃ ଧାନ ଚାଷରେ ବ୍ୟସ୍ତ ରହୁଥିବାରୁ ମାଣ୍ଡିଆ ଚାଷ ପ୍ରତି ସେତେ ଗୁରୁତ୍ୱ ଦେଉନଥିଲୁ । ଯାହାଫଳରେ ଅମଳ କମ୍ ହେଉଥିଲା ଓ ଘରର ଆବଶ୍ୟକତା ପାଇଁ ଯଥେଷ୍ଟ ହେଉନଥିଲା ।

ବିଗତ ୨ ବର୍ଷ ହେଲା ମୁଁ ଲାନ୍‌ସା ପ୍ରକଳ୍ପ କର୍ମଚାରୀମାନଙ୍କ ପରାମର୍ଶ ନେଇ ଉନ୍ନତ ପ୍ରଣାଳୀରେ ଚାଷ କରିବା ଦ୍ୱାରା ଭଲ ଅମଳ ପାଉଛି । ମୁଁ ବହୁତ ଖୁସି ଯେ, ବର୍ତ୍ତମାନ ଅମଳ ପାଉଥିବା ମାଣ୍ଡିଆ ମୋର ପରିବାରର ଆବଶ୍ୟକତା ପାଇଁ ଯଥେଷ୍ଟ ଏବଂ ମାଣ୍ଡିଆ ପାଇଁ ମୋତେ ଆଉ ବଜାର ଉପରେ ନିର୍ଭର କରିବାକୁ ପଡୁନାହିଁ ।




ଲେଖା ଓ ପ୍ରସ୍ତୁତି: **ନରେଶ ଚନ୍ଦ୍ର ପାତ୍ର,**
ବୈଷୟିକ ସହାୟକ
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍‌ସା



LANSA
Leveraging Agriculture for Nutrition in South Asia

MSSRF